
# ପିଲାଙ୍କ ଧରିତ୍ରୀ



ଶନିବାର, ୨୦ ଏପ୍ରିଲ ୨୦୧୯



୬ କବିତା



ଜଣା ଅଜଣା ୭

୮ ଆଇନା



୩ କିଙ୍ଗ୍‌ଡମ୍ ଅଫ୍ ଲିଟିଲ୍ ପିପୁଲ୍



# ମତାମତ

➢ ପୃଷ୍ଠା ୩ ରେ ସ୍ଥାନିତ 'ଜଳ ଆମ ଜୀବନ' ପାଠ କଲି। ବେଶ୍ ଶିକ୍ଷଣୀୟ ଥିଲା ବିଷୟଟି। ଜଳର ମୂଲ୍ୟକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା।

– ଇତିଶ୍ରୀ ସ୍ୱାଇଁ
ବରୀ, ଯାଜପୁର

➢ 'କହିଲ ଦେଖି'ର ଉତ୍ତର ଦେବାକୁ ମଜା ଲାଗୁଛି। 'ପରବ ପରି ପରବ' କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

– ମୋନିକା, ସୋନା
ୟୁନିଟ୍-୮, ଭୁବନେଶ୍ୱର


➢ ପିଲାଙ୍କ ଧରିତ୍ରୀରୁ ନୂଆ କଥା ଜାଣିବାକୁ ମିଳୁଛି। ତୁମ ତୂଳୀରୁ ପୃଷ୍ଠାଟି ଖୁବ୍ ସୁନ୍ଦର ଲାଗୁଛି।

– ମାନସ ସାହୁ
ଶ୍ୟାମରାୟପୁର, ଭଦ୍ରକ

➢ ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ ତଥ୍ୟଗୁଡ଼ିକ ବେଶ୍ ଉପଯୋଗୀ ହୋଇପାରୁଛି।

– ଅସ୍ମିତା ପଢ଼ିଆରୀ
ଦୁବୁରୀ, ଯାଜପୁର

## ବିନ୍ଦୁ ଯୋଡ଼



# ଖୁଲି ଖୁଲି ହସ

✲ ଥରେ ରାମବାବୁଙ୍କୁ ଫୋନ୍ କରି ଜଣେ ବ୍ୟକ୍ତି କହିଲେ: ଆଜ୍ଞା, ଆପଣଙ୍କ ଘରେ ଫ୍ରିଜ୍ ଅଛି ?
ରାମବାବୁ: ହଁ
ବ୍ୟକ୍ତି: ଫ୍ରିଜ୍ ଚାଲୁଛି ?
ରାମବାବୁ: ହଁ ଚାଲୁଛି, କ'ଣ ହେଲା କି ?
ବ୍ୟକ୍ତି: ତାକୁ ମାଡିବସି ଧରନ୍ତୁ ନ ହେଲେ କୁଆଡେ ପଳାଇବ।
ପୁନର୍ବାର ରାମବାବୁଙ୍କୁ ଫୋନ୍ ଆସିଲା। ବ୍ୟକ୍ତି ଜଣକ ପଚାରିଲେ: ଆପଣଙ୍କ ଫ୍ରିଜ୍ ଅଛି ?
ରାମବାବୁ: ରାଗିଯାଇ ନାହିଁ।
ବ୍ୟକ୍ତି : ମୁଁ କହିଥିଲି ମାଡିବସି ଧରନ୍ତୁ, ନ ହେଲେ ସେ ପଳାଇବ !

✲ (ଦୁଇସାଙ୍ଗ ହଷ୍ଟେଲ୍‌ରେ ରହୁଥିଲେ)
ପ୍ରଥମ ସାଙ୍ଗ:ଆରେ ଭାଇ କିଚେନ୍‌ରୁ ଟିକେ ଲୁଣ ଆଣିଦବୁ।
ଦ୍ୱିତୀୟ ସାଙ୍ଗ: ଆରେ ଏଠି ତ କେଉଁଠି ଲୁଣ ନାହିଁ ।
ପ୍ରଥମସାଙ୍ଗ: ତୁ ତ ଅନ୍ଧ, କାମଚୋର। ଜୀବନରେ କିଛି ତ କାମ କର। ସବୁବେଳେ ଖାଲି ବାହାନା କଲୁ। ମୁଁ ଜାଣିଥିଲି ତୋତେ ମିଳିବନି,ଏଥିପାଇଁ ପ୍ରଥମରୁ ମୁଁ ଲୁଣ ଡବା ନେଇ ଆସିଛି।

✲ ନଟ ଏକ ପାଥୋଲ୍ୟାବ ଗଲା। ସେଠାରେ ଥିବା ପାଥୋଲୋଜିଷ୍ଟଙ୍କୁ କହିଲା: ଭାଇ ତୁମର ସାହାଯ୍ୟ ମୋର ଦରକାର।
ପାଥୋଲୋଜିଷ୍ଟ: ହଁ, କୁହ କ'ଣ କାମ ଅଛି ?
ନଟ: ପକେଟ୍‌ରୁ ଗୋଟିଏ ଔଷଧ ବୋତଲବାହାର କରି ସେଥିରୁ ଏକ ଚାମଚ ଲିକ୍ୱିଡ୍ କାଢ଼ି ପାଥୋଲୋଜିଷ୍ଟଙ୍କୁ ପିଆଇ, କହିଲା ମିଠା ଲାଗୁଛି କି ଭାଇ ?
ପାଥୋଲୋଜିଷ୍ଟ: ନା ତ ?
ନଟ: ଖାଲି ଏତିକି ଜାଣିବାର ଥିଲା ଭାଇ, ଧନ୍ୟବାଦ।
ପାଥୋଲୋଜିଷ୍ଟ: କିନ୍ତୁ ଏ କେଉଁ ଔଷଧ ଥିଲା ?
ନଟ: କହିବାକୁ ଗଲେ ଡାକ୍ତର କହିଥିଲେ ୟୁରିନ୍ ଟେଷ୍ଟ କର, କାଳେ ୟୁରିନ୍‌ରେ ସୁଗାର ଥିବ !

# ପରିଶ୍ରମ ବିନା ଫଳ ମିଳେନି

## ଗପ



ଗୋଟେ ଗାଁରେ ଦୁଇ ଭାଇ ରହୁଥିଲେ। ସେମାନଙ୍କ ନାଁ ସୁଦେଶ ଓ ସୋମେଶ। ଦିହେଁ ଚାଷବାସ କରି ପରିବାରର ପେଟ ପୋଷନ୍ତି। ଅଭାବ ଅନଟନ ଯୋଗୁ ଦୁଇ ପରିବାରରେ ସବୁବେଳେ ବିଶୃଙ୍ଖଳା ଲାଗି ରହୁଥିଲା। ଚାଷଜମିରୁ କିପରି ଅଧିକ ଉତ୍ପାଦନ ହେବ, ନୂଆ କୌଶଳ ଆପଣେଇବାକୁ ହେବ ସେ ଦିଗରେ ଦୁଇ ଭାଇଙ୍କର ଆଦୌ ମନ ନ ଥିଲା। ଗାଁର ଅନ୍ୟ ଚାଷୀଭାଇମାନେ ଚାଷବାସ କରି ଉପକୃତ ହେଉଥିବା ବେଳେ ଏ ଦୁଇଭାଇ ଏଣ୍ଡୁତେଣ୍ଡୁ ଦୋଷ କାଢ଼ି ସମୟ ଅପଚୟ କରନ୍ତି। ବର୍ଷା ପବନକୁ କେବେ ଦୋଷ ଦିଅନ୍ତି ତ କେବେ ପୁଣି ଶୁଷ୍କ ବାଲିଆ ଅନୁର୍ବର ଚାଷଜମି ବୋଲି କହି ବୁଲନ୍ତି। ଦିନେ ଗାଁର କେଇଜଣ ଚାଷୀଭାଇ ସୁଦେଶ ଓ ସୋମେଶଙ୍କୁ କହିଲେ, ବିଶ୍ୱନାଥପୁର ଗାଁରେ ଜଣେ ଜମିଦାର ଅଛନ୍ତି। ତାଙ୍କ ନାଁ ପ୍ରତାପ ସିଂ। ଚାଷବାସରୁ ସେ ଖୁବ୍ ଭଲ ରୋଜଗାର କରିପାରୁଛନ୍ତି। ତାଙ୍କଠାରୁ ପରାମର୍ଶ ନେବାକୁ ଅନେକ ଦୂରରୁ ଚାଷୀମାନେ ଆସୁଛନ୍ତି। ପ୍ରତାପ ସିଂ ଖୁବ୍ ଦୟାଳୁ ଓ ସାହାଯ୍ୟକାରୀ ଲୋକ। ସାହିଭାଇମାନେ କହିଲେଣି ଯେତେବେଳେ ବିଶ୍ୱନାଥପୁର ଯିବା ବ୍ୟତୀତ ସୁଦେଶ ଓ ସୋମେଶଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା। ବାଧ୍ୟବାଧକତାରେ ଦୁଇଭାଇ ଦିନେ ପ୍ରତାପ ସିଂଙ୍କ ପାଖକୁ ବାହାରିଲେ। ପ୍ରତାପ ସିଂ କହିଲେ, ତୁମେ ପ୍ରଥମେ ଏଠିକାର ଚାଷୀଭାଇଙ୍କର କାର୍ଯ୍ୟପଦ୍ଧତିକୁ ଅନୁଧ୍ୟାନ କର, ତା'ପରେ ମୁଁ କିଛି ଉପାୟ ବତେଇବି। ଜମିଦାର ବାବୁ ଅତିଥି ଗୃହରେ ଦୁଇଭାଇଙ୍କର ରହିବା ବ୍ୟବସ୍ଥା କରିଦେଲେ।

ତହିଁ ଆରଦିନ ସୁଦେଶ ଓ ସୋମେଶ ଶେଯ ଛାଡ଼ିଲା ବେଳକୁ ସୂର୍ଯ୍ୟ ଉଇଁ ସାରିଥିଲା। ଦୁଇ ଭାଇଙ୍କୁ ପ୍ରତାପ ସିଂ ଦେଖୁଦେଖୁ କହିଲେ, ତୁମେ ଦିହେଁ ତ ବହୁତ ବିଳମ୍ବ କରିଦେଲ ଆମର ଚାଷୀଭାଇମାନେ ଅନେକ ବେଳରୁ କ୍ଷେତରେ ଲାଗି ପଡ଼ିଲେଣି। ତମେ ଆଉ ଡେରି ନ କରି ଶୀଘ୍ର ସେମାନଙ୍କ ପାଖରୁ ଯାଇ କାମ ବିଷୟରେ ବୁଝିଆସ। ଦ୍ୱିପ୍ରହରରେ ଦୁଇ ଭାଇ କ୍ଷେତରୁ ଫେରିଆସି ବିଶ୍ରାମ ନେଲେ। ସଞ୍ଜବେଳେ ପ୍ରତାପ ସିଂ ଦୁଇ ଭାଇଙ୍କୁ ଘରେ ବସିଥିବାର ଦେଖି ଚମକି ପଡ଼ିଲେ। ତମେ ଏଇଠି ଅଛ, ମୁଁ ତୁମ ଦୁହିଁଙ୍କୁ କ୍ଷେତ ପାଖରେ ବହୁତ ଖୋଜିଲି ଅଥଚ ପାଇଲି ନାହିଁ। ଦୁଇ ଭାଇ କହିଲେ, ଆଜ୍ଞା ଆମେ ବିଶ୍ରାମ ନେଉଥିଲୁ। କେତେବେଳେ ସଞ୍ଜ ନଇଁ ଆସିଲା ଆଦୌ ଖିଆଲ ରହିଲାନି। ଜମିଦାର ପ୍ରତାପ ସିଂ ଆଉ କିଛି ନ କହି ଚୁପ୍ ରହିଲେ। ସେଦିନ ରାତିରେ ଖୁବ୍ ବର୍ଷା ହେଲା। ଚାରିଆଡ଼ ପାଣି କାଦୁଅରେ ପୂରି ଉଠିଲା। ତହିଁ ଆରଦିନ ସକାଳେ ସୁଦେଶ ଓ ସୋମେଶ ଜମିଦାରଙ୍କ ପାଖରେ ପହଞ୍ଚିଯାଇ କହିଲେ, ଆଜି ଆମେ ପ୍ରସ୍ତୁତ ଅଛୁ,ଏବେ କୁହନ୍ତୁ କ'ଣ କରିବାକୁ ହେବ। ପ୍ରତାପ ସିଂ ଅଳ୍ପ ହସି କହିଲେ, ତୁମେ ଦିହେଁ ଏବେ ଶେଯ ଛାଡୁଛ, ହେଲେ ଆମର ଚାଷୀଭାଇମାନେ ତ ଅନେକ ଆଗରୁ କ୍ଷେତକୁ ଯାଇଛନ୍ତି। ଫେରୁ ଫେରୁ ଆହୁରି ଢେର ସମୟ ଲାଗିବ। ମୁଁ ବି ସେମାନଙ୍କ ସହିତ କ୍ଷେତରେ ଥିଲି ଏବେ କିଛି ସମୟ ପୂର୍ବରୁ ଫେରିଛି। ତୁମେ ଦିହେଁ କହୁଥିଲ ତୁମ କ୍ଷେତରେ ଭଲ ଫସଲ ହେଉନି ତୁମ ମାଟି ଅନୁର୍ବର ବାଲିଆ। ଦୋଷ ଦେବା ପୂର୍ବରୁ ତୁମେ ଦିହେଁ ନିଜ ଦୋଷତ୍ରୁଟିକୁ ପ୍ରଥମେ ପରଖ। ଯେକୌଣସି କାର୍ଯ୍ୟ କରୁଥାଅ ନା କାହିଁକି ସର୍ବଦା ପରିଶ୍ରମୀ ଓ କର୍ମତତ୍ପର ହେବାକୁ ଚେଷ୍ଟା କର, ତେବେ ଯାଇଁ ଅସମ୍ଭବକୁ ସମ୍ଭବ କରିହେବ। ପରିଶ୍ରମ ବିନା କାହାକୁ ସୁଫଳ ମିଳିନାହିଁ କି ମିଳିବ ନାହିଁ। ସୁଦେଶ ଓ ସୋମେଶ ନିଜ ଭୁଲ୍ ବୁଝିପାରିଲେ। ଜମିଦାର ବାବୁ ଏଥର ଚାଷବାସର ଆଧୁନିକ କୌଶଳଗୁଡ଼ିକ ବତେଇଲେ। ଦୁଇ ଭାଇ କୃତଜ୍ଞତା ଜଣାଇ ପ୍ରତାପ ସିଂଙ୍କ ପାଖରୁ ବିଦାୟ ନେଲେ। ଏଥର ଖରା ବର୍ଷା ଶୀତକୁ ଖାତିର ନ କରି ଦୁଇଭାଇ ଲାଗି ପଡ଼ିଲେ ନିଜ ଚାଷଜମିରେ। ସେ ବର୍ଷ ଗାଁରେ ସମସ୍ତେ କହିଥିଲେ– ସୁଦେଶ ଓ ସୋମେଶଙ୍କ କ୍ଷେତରେ ସୁନା ଫଳିଛି।

–ଦେବେନ୍ଦ୍ର କର
ମଙ୍ଗଳାବାଗ, ନିୟୋଗୀ କଲୋନି, କଟକ

# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com


## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

ପ୍ରକୃତିର ବିସ୍ମୟ

# ନମନୀୟ ପଥର



ବିଜ୍ଞାନ କଥା


ଗୁଗୁଲି ବାପାଙ୍କ ସଙ୍ଗେ ବୃତ୍ତି ପରୀକ୍ଷା ଦେବା ପାଇଁ ଭୁବନେଶ୍ୱର ଯାଇଥିଲା । ବୃତ୍ତି ପରୀକ୍ଷା ପରେ ଗୁଗୁଲିର ବ୍ୟବହାରିକ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ବାପା ତାକୁ ଆମ ରାଜ୍ୟ ସଂଗ୍ରହାଳୟକୁ ବୁଲାଇନେଲେ ।

ସଂଗ୍ରହାଳୟରେ ବୁଲି ଦେଖିବା ବେଳେ ନମନୀୟ ପଥର ଲେଖାଥିବା ଶିଳା ଖଣ୍ଡକୁ ଦେଖି ଗୁଗୁଲି ବାପାଙ୍କୁ ପ୍ରଶ୍ନ କଲା, ବାପା, ସାଧାରଣତଃ ପଥର ବା ଢେଲା ଖଣ୍ଡଗୁଡ଼ିକ ଶକ୍ତ ଆଉ ମୁଣ୍ଡରେ ବାଜିଲେ ମୁଣ୍ଡ ଫାଟିଯାଏ, ମାତ୍ର ଏଥିରେ ନମନୀୟ କାହିଁକି ଲେଖାଯାଇଛ ?

ଗୁଗୁଲିର ଏମିତି ଏକ ପ୍ରଶ୍ନ ଶୁଣି ବାପା ବି ହଡ଼ବଡ଼େଇ ଗଲେ । ଆରେ ମା, ମତେ ବିଦ୍ୟୁତ୍ ବିଷୟରେ କିଛି ପଚାରିଲେ ମୁଁ କହିପାରିବି । କିନ୍ତୁ ଏ ସବୁ ପଥର ବାବଦରେ ତୋ ମାମୁଙ୍କୁ ପଚାରିବୁ, ସେ ହିଁ କହିପାରିବ । ଅଥୟମନା ଗୁଗୁଲି, ମାମୁଙ୍କୁ ଫୋନ କରି ସେହି ଏକା ପ୍ରଶ୍ନ କଲା ।

ଗୁଗୁଲିର ପ୍ରଶ୍ନ ଶୁଣି ମାମୁ ଉତ୍ତର ଦେଲେ–ସାଧାରଣତଃ ଆମର ଧାରଣା ଯେ ସବୁ ପଥର ଟାଣ ବା ଶକ୍ତ । ମାତ୍ର ସବୁ ପଥର ଏକାପରି ଶକ୍ତ ନୁହନ୍ତି । କେଉଁ କେଉଁ ପଥର ହାତରେ ଭାଙ୍ଗିଯାଉଥିବା ବେଳେ, କିଛି ବିଶେଷ ପ୍ରକାରର ପଥର ଯନ୍ତ୍ରଚାଳିତ ମେଶିନରେ ମଧ୍ଯ ଭାଙ୍ଗେ ନାହିଁ । ତେବେ ପଥର ଶକ୍ତ ହେବା, ପଥରର ରାସାୟନିକ ସଂରଚନା, ତାପ, ଚାପ ଏବଂ ଏଥିରେ ଥିବା ଉପାଦାନ ଉପରେ ନିର୍ଭର କରେ ।

ଭୂପୃଷ୍ଠରେ ମୁଖ୍ୟତଃ ତିନି ପ୍ରକାରର ଶିଳା ବା ପଥର ମିଳେ ବୋଲି ଆମେ ଜାଣୁ । ସେଗୁଡ଼ିକ ହେଲା ଆଗ୍ନେୟଶିଳା, ସ୍ତରୀଭୂତ ଶିଳା ଏବଂ ରୂପାନ୍ତରିତ ଶିଳା । ଏମାନଙ୍କ ମଧ୍ଯରୁ ଆଗ୍ନେୟ ଶିଳା ଏବଂ ରୂପାନ୍ତରିତ ଶିଳାର ପ୍ରତିରୋଧୀ ସାମର୍ଥ୍ୟ ସ୍ତରୀଭୂତ ଶିଳାଠାରୁ ଅଧିକ । ଅର୍ଥାତ୍, ସ୍ତରୀଭୂତ ଶିଳାମାନେ ବାହ୍ୟ



ବଳକୁ ବିଶେଷ ପ୍ରତିରୋଧ କରି ନ ପାରି ସହଜରେ ଭାଙ୍ଗିଯାଆନ୍ତି ।

ନମନୀୟ ପଥର ମାନ, ସ୍ତରୀଭୂତ ଶିଳାର ଅଂଶବିଶେଷ । ସ୍ତରୀଭୂତ ଶିଳା ସମୂହ ନଦୀ ସ୍ରୋତ, ବୃଷ୍ଟିପାତ, ହିମବାହ ଓ ବାୟୁ ପ୍ରବାହ ଦ୍ୱାରା ପରିବାହିତ ଏବଂ ସଞ୍ଚିତ ମୃତ୍ତିକା ସ୍ତରରୁ ସୃଷ୍ଟି ହୁଏ । ପରସ୍ତ ପରସ୍ତ ସଞ୍ଚିତ ମୃତ୍ତିକାର ସ୍ତର ବିନ୍ୟାସ ହିଁ ସ୍ତରୀଭୂତ ଶିଳାର ମୂଳ ପିଣ୍ଡ । ପରସ୍ତ ପରସ୍ତ ହୋଇ ରହିଥିବା ସ୍ତର ମଧ୍ୟରେ ଉପାଦାନ ଏବଂ କଣିକାର ଅସାମଞ୍ଜସ୍ୟତା ହିଁ ପଥରକୁ ନମନୀୟତା ପ୍ରଦାନ କରିଥାଏ ।

ନମନୀୟ ବାଲୁକା ଶିଳାକୁ ଇଟାକୋଲୁମାଇଟ୍ ବା ଇଂଲିଶ୍‌ରେ ଫ୍ଲେକ୍ସିବୁଲ ସ୍ୟାଣ୍ଡଷ୍ଟୋନ ନାମରେ ଭୂବୈଜ୍ଞାନିକମାନେ ନାମିତ କରିଛନ୍ତି । ଏହି ଶିଳାସବୁକୁ ପାଉଁରୁଟିକୁ ଛୁରିରେ ଖଣ୍ଡ ଖଣ୍ଡ କାଟିଲା ପରି ମଧ୍ୟ କଟାଯାଇପାରେ ।

ଗୁଗୁଲି ଏତିକି ଶୁଣିବା ପରେ ନମନୀୟ ପଥର କେଉଁଠି ମିଳେ ବୋଲି ପ୍ରଶ୍ନ କଲା । ମାମୁ ଗୁଗୁଲିକୁ ସିଧାସଳଖ ଉତ୍ତର ନ ଦେଇ ନିରୁ ମାଉସୀଙ୍କ ଘର ପାଖେ ବେଶି ମିଳୁଥିବାର ସୂଚନା ଦେଲେ ।

ନିରୁ ମାଉସୀଙ୍କ ଘର ପାଖରେ ତା' ମାନେ କ'ଣ ଅମ୍ବାଲାରେ ମିଳେ ବୋଲି ଗୁଗୁଲି ଉତ୍ସାହିତ ହୋଇ କହିଲା । ଅମ୍ବାଲା ଯଦିଓ ଠିକ୍ ଉତ୍ତର ନୁହେଁ, ମାତ୍ର ହରିୟାଣାରେ ଏପରି ଶିଳା ପ୍ରଚୁର ପରିମାଣରେ ମିଳେ । ଚରଖି ଦାଦ୍ରି ଜିଲା ନମନୀୟ ଶିଳା ପାଇଁ ବିଶେଷ ପ୍ରସିଦ୍ଧ ଲାଭ ମଧ୍ୟ କରିଛି । ତତ୍ ସଙ୍ଗେ ସଙ୍ଗେ ଏହି ଶିଳା ଜର୍ଜିଆ, ଷ୍ଟୋକସ୍, ଉତ୍ତର କାରୋଲିନା ଆଦି ସ୍ଥାନରେ ମଧ୍ୟ ବହୁଳ ଭାବେ ଦେଖାଯାଏ । ବ୍ରାଜିଲର ମିନାସ ଗେରାଇସ ଅଞ୍ଚଳରେ ଏହି ଫ୍ଲେକ୍ସିବୁଲ୍ ସ୍ୟାଣ୍ଡଷ୍ଟୋନରୁ ହୀରା ମଧ୍ୟ ଉତ୍ତୋଳନ କରାଯାଏ ବୋଲି ମାମୁ ଗୁଗୁଲିକୁ ବତାଇଦେଲେ ।

ଗୁଗୁଲିକୁ ପ୍ରେରଣା ଦେବା ଲକ୍ଷ୍ୟରେ, ତୁମେ ଯଦି ଭବିଷ୍ୟତରେ ଭୂତତ୍ତ୍ୱ ବିଜ୍ଞାନ ପାଠକୁ ପଢ଼ିବ ତେବେ ପ୍ରକୃତିର ଅନେକ ବିସ୍ମୟକୁ ଜାଣିପାରିବ ବୋଲି କହି ମାମୁ ଶେଷରେ ଫୋନ ରଖିଲେ ।

**–ପ୍ରଶାନ୍ତ କୁମାର ମିଶ୍ର**
ଓଡ଼ିଶା ଶିକ୍ଷା ସେବା (ଏ), ସହକାରୀ
ପ୍ରଫେସର (ଭୂତତ୍ତ୍ୱ ବିଜ୍ଞାନ)
ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼
ମୋ:୯୯୬୭୩୪୦୪୦୪

ଆସ ଜାଣିବା

# କିଙ୍ଗଡମ୍ ଅଫ୍ ଲିଟିଲ୍ ପିପୁଲ୍









ଦେଖିବାକୁ ଏମାନେ ଅତି ଛୋଟ । କିନ୍ତୁ ନିଜର କଳା ନୈପୁଣ୍ୟ ଦ୍ୱାରା ପର୍ଯ୍ୟଟକଙ୍କୁ ଯୋଗାନ୍ତି ଭରପୂର ମନୋରଞ୍ଜନ । ଏହିଭଳି ଅନେକ ବାମନଙ୍କୁ ନେଇ ଦକ୍ଷିଣ ଚାଇନାରେ ଅବସ୍ଥିତ ୟୁନାନ ପ୍ରୋଭିନ୍ସର ରାଜଧାନୀ କୁନ୍‌ମିଙ୍ଗଠାରେ ପ୍ରତିଷ୍ଠା ହୋଇଛି ଏକ ଆମ୍ୟୁଜମେଣ୍ଟ ପାର୍କ । ଏହି ପାର୍କର ନାଁ ରହିଛି 'କିଙ୍ଗ୍‌ଡମ୍ ଅଫ୍ ଲିଟିଲ୍ ପିପୁଲ୍' । ୨୦୦୯ ମସିହାରେ ପ୍ରତିଷ୍ଠା କରାଯାଇଥିବା ଏହି ପାର୍କରେ ୧୦୦ରୁ ଊର୍ଦ୍ଧ୍ୱ ବାମନ କାର୍ଯ୍ୟରତ ଅଛନ୍ତି ଯେଉଁମାନଙ୍କ ବୟସ ୧୯ ରୁ ୪୮ ବୟସ ମଧ୍ୟରେ ରହିଥିବା ବେଳେ କାହାର ବି ଉଚ୍ଚତା ୧୩୦ ସେଣ୍ଟିମିଟରରୁ ଅଧିକ ନୁହେଁ । ବିଭିନ୍ନ କୌତୂହଳପୂର୍ଣ୍ଣ କାର୍ଯ୍ୟକଳାପ, ନୃତ୍ୟ, ସଙ୍ଗୀତ ଆଦି ପରିବେଷଣ କରି ଏମାନେ ପର୍ଯ୍ୟଟକଙ୍କୁ ମନୋରଞ୍ଜନ ଯୋଗାଇଥାନ୍ତି । ତେବେ କମ୍ ଉଚ୍ଚତା ହେତୁ କୌଣସି ସ୍ଥାନରେ ନିଯୁକ୍ତି ମିଳୁ ନ ଥିବା ତଥା ସାଧାରଣ ଲୋକଙ୍କଠାରୁ ଟାହିଟାପରା ଶୁଣୁଥିବା ଏହିଭଳି ଅନେକ ବାମନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବାର ଲକ୍ଷ୍ୟ ନେଇ ପାର୍କର ପ୍ରତିଷ୍ଠାତା ଜେନ୍ ମିଙ୍ଗ୍‌ଜିଙ୍ଗ୍ ଏଭଳି ଏକ ନିଆରା ପାର୍କର ପରିକଳ୍ପନା କରିଥିଲେ । ଯାହାଫଳରେ ଚାଇନା ତଥା ଆଖପାଖ ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ବାମନଙ୍କୁ ଏଠାରେ ନିଯୁକ୍ତି ସୁବିଧା ମିଳିଥିଲା ।





# ତୁମ ତୂଳୀରୁ

୧

**ଅସ୍ମିତା ଲେଙ୍କା**
କ୍ଲାସ- ୧,
ଷ୍ଟୁଆର୍ଟସ୍ ସ୍କୁଲ୍,
ଭୁବନେଶ୍ୱର

୨
**ଶିବାନୀ ମୁନା**
କ୍ଲାସ-୮,
ବାଘମୁଣ୍ଡ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ,ବଲାଙ୍ଗୀର


୩

**ପୃଥୀରାଜ ମିଶ୍ର**
କ୍ଲାସ-୧୦,
ସରସ୍ୱତୀ ଶିଶୁ ବିଦ୍ୟା
ମନ୍ଦିର,ଗୋସାଣି
ନୂଆଗାଁ,ବ୍ରହ୍ମପୁର

୪
**ଅନୁଷ୍କା ବେଉରା**
କ୍ଲାସ-୪,ସେଣ୍ଟ
ଜୋସେଫ୍ ହାଇସ୍କୁଲ୍,
ଭୁବନେଶ୍ୱର


୫

**ପ୍ରଜ୍ଞା ପରିମିତା ସେଠୀ**
କ୍ଲାସ-୩,
କେନ୍ଦ୍ରୀୟ ବିଦ୍ୟାଳୟ,
ସୋନପୁର

୬
**ଭବାଂଶୀ ହୋତା**
କ୍ଲାସ-୩,
ସାରସ୍ୱତ ବାଲ୍ ମନ୍ଦିର,
ଜୟପୁର,କୋରାପୁଟ


୭


**ସ୍ୱରାଜ ପଣ୍ଡା**
କ୍ଲାସ-୫, ମଡର୍ନ ପବ୍ଲିକ୍
ସ୍କୁଲ,
ବିଡାନାସୀ,କଟକ

୮
**ଦେବଦର୍ଶ ପାଠୀ**
କ୍ଲାସ-୪,
ଫୁଲବାଣୀ ପବ୍ଲିକ୍ ସ୍କୁଲ,
ଫୁଲବାଣୀ



୯

ଭବାନୀ ଶଙ୍କର ମହାନ୍ତି
କ୍ଲାସ-୪,
ମଡର୍ନ ପବ୍ଲିକ୍ ସ୍କୁଲ,
ବାଲେଶ୍ୱର

୧୦
ପ୍ରତ୍ୟୁଷା ସାମନ୍ତରାୟ
କ୍ଲାସ-୯,
ଡିଏଭି ପବ୍ଲିକ୍ ସ୍କୁଲ,
ପୁରୀ



୧


୨


୯


୩


୪


୫


୧୦


୬


୭


୮

# କବିତା



## ଫୁଟବଲ ଖେଳ ଭାରି ସରସା

ଫୁଟବଲ ଖେଳ ଭାରି ସରସା
ରହିଛି ତହିଁରେ ଆହାକି ନିଶା ।
ଆମେ ସାଙ୍ଗସାଥୀ ଭଉଣୀ ଭାଇ
ମିଳିମିଶି ଖେଳୁ ଏକାଠି ହୋଇ ।
ଖେଳର ନିୟମ ମାନିକି ଚଳୁ
କେବେ ବି ଆମେ ଝଗଡ଼ା ନକରୁ ।
ଖେଳିବ ଯଦି ନିତି ଫୁଟବଲ
ଶରୀର ମନ ସବୁ ରହିବ ଭଲ ।
କାମ କରିବାକୁ ଆଗ୍ରହ ଲାଗଇ
ଅଳସୁଆ ପଣ ଯାଏ ଦୂରେଇ ।

**– ସୌଦାମିନୀ ରାଏ**
*୮ମ ଶ୍ରେଣୀ, ବାଘମୁଣ୍ଡ ଉପ୍ରା ବିଦ୍ୟାଳୟ*
*ପାଟଣାଗଡ଼, ବଲାଙ୍ଗୀର*



## ମା'ର ମୁହଁରେ ହସ ଫୁଟିଲା


ସକାଳ ହେଲା, କାଉ ରାବିଲା
ଟିକ୍ ଟିକ୍ ଶବଦରେ ଘଣ୍ଟା ବାଜିଲା
ମା' ଡାକ ପକାଇଲେ, ଉଠ କୁନା ଉଠ
ମୁଣ୍ଡ ଉପରେ ଖରା ଆସିଲା ।
ଉଠିଲା କୁନା, ବିରକ୍ତି ହୋଇ
କହିଲା, ଶୋଇବା ମୋର ଠିକ୍ ହୋଇନାହିଁ
ଆଜି ଛୁଟିଦିନ ସ୍କୁଲ ନାହିଁ
ଏତେ ସକାଳୁ ଉଠେଇଲ କାହିଁ ।
କହିଲେ ମା', ସୁନା ପିଲାଟା କୁନା ଆମର
ପାଠପଢ଼ାକୁ ନାହିଁ ତା'ର ଡର



ଖେଳକୁଦରେ ଆଗଭର
ଅଳସୁଆମି ପଣ ପରିହାର କର ।
ସୁନା ପିଲା ବୋଲି ସବୁ କହିବେ
ଯେବେ ଅଳସୁଆମି ପଣ ଆମେ ଛାଡ଼ିବା
ସଅଳ ଶୋଇବା, ସଅଳ ଉଠିବା
ସୁନ୍ଦର ସ୍ୱାସ୍ଥ୍ୟ ତେବେ ଲଭିବା ।
ଏବେ ମା'ର କଥାଟି କୁନାକୁ ପାଇଲା
ଛୁଟିଦିନରେ ସେ ସଅଳ ଉଠିଲା
ସବୁ ସାଙ୍ଗସାଥୀକୁ ବୁଝାଇ କହିଲା
ମା'ର ମୁହଁରେ ଏବେ ହସ ଫୁଟିଲା ।

**– ସୁବ୍ରତ ଦାସ**
*ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ*
*ମୋ: ୯୪୩୭୭୩୧୯୦୩*

## ତୁମ ପଢ଼ିବା ପାଇଁ




### ସପନୀଆଈ

ଶିଶୁଗଳ୍ପ ସଙ୍କଳନ ସପନୀଆଈରେ ସଂସାର,ଅହଙ୍କାର ଓ ଅବହେଳା,ନିଧି ମଉସା,ଭ୍ରମଣର ଆବଶ୍ୟକତା,ଆଦର୍ଶ ଛାତ୍ର,ମନ୍ତ୍ରର ପ୍ରଭାବ ପରି ରହିଛି କେତୋଟି ଗଳ୍ପ । ସୁକାନ୍ତ ଖଣ୍ଡାଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୪୦ଟଙ୍କା । ଯୋଗାଯୋଗ–ଟାଙ୍ଗରତଳି, ମଣତା, ଘଟଗାଁ, କେନ୍ଦୁଝର ।

## କହିଲ ଦେଖି

ଏବେ ବଢିଲାଣି କିଛି ଆଦର
ପଲିଥିନ୍ ଜରି ବ୍ୟାଗ ହେଲାଣି ଦୂର
ଅଠା, କାଗଜରୁ ହୁଏ ପ୍ରସ୍ତୁତ
ପରିବେଶ ପାଇଁ ସାଜିଛି ମିତ
ଶ୍ରମ ଓ ପରିତ୍ୟକ୍ତରୁ ତା'ର ଜନମ
ରଖିବାକୁ ଶକ୍ତି ଶ୍ରମ ଧରମ
ଗରିବଙ୍କର ଏ କୁଟୀର ଶିଳ୍ପ
ପଲିଥିନ୍ ପ୍ରୟୋଗର ସେ ବିକଳ୍ପ ।

**ଉତ୍ତର: କାଗଜ ଠୁଙ୍ଗା**



ଖରା ବରଷା ହେଲେ ପ୍ରବଳ
ବିପନ୍ନ ରକ୍ଷକ ସମ୍ବଳ କେବଳ
ଆଘାତ କରେ ମୁଁ କୁସଙ୍ଗ ଦେଖି
ବୁଢାବୁଢୀ ମୋତେ ଆଦରେ ରଖି
ମୋର ଭଗାରୁଣୀ ରେନ୍ କୋଟ
ସପତଣୀ ସାଜି ଖସାଏ ନୋଟ୍
ଖରାବେଳେ ପରା ମୁହଁ ଜାକି ରହେ
ବଡ ଅଲାଜୁକୀ ଲାଗିଯାଏ ଦେହେ ।
ନଅ ବାରଖଣ୍ଡ ମୋର ପଂଜରା
ବିଭିନ୍ନ ଢଙ୍ଗେ ଜାପାନୀ ଖୋଲେ ପସରା ।

**ଉତ୍ତର: ଛତା**




**– ରମାକାନ୍ତ ପୁରୋହିତ**
*ନିରାକାରପୁର, ଖୋର୍ଦ୍ଧା*

ଦଶଗୋଡିଆ ମୁଁ ନୁହେଁ କଙ୍କଡା
ଚାଷୀ ତାଇପାଇଁ ହୁଅଇ ଲୋଡା
ବରଷା, ଶୀତ ଖରାବେଳେ ପ୍ରସ୍ତୁତ
ମୋ ଯୋଗୁ ଜଗତ ପାଉଛି ଭାତ ।
ହେଉ ସଞ୍ଜ ରାତି ଅବା ସକାଳ
ଲୋଡା ମୋ ବାବୁର ପାଣି ପଖାଳ
କାଳିଆ କସରା ସାଙ୍ଗକୁ ଧରି
ପାହାନ୍ତି ପହରୁ ଯାଏ ବାହାରି
ବିଲ ପାଟ ନାଳ ପଡିଆ ଡେଇଁ
ଶ୍ରମ କରେ ସଦା ଆଗକୁ ଚାହିଁ ।

**ଉତ୍ତର: ହଳ**



## ଆସ ଖୋଜିବା







- କାହାକୁ ହିନ୍ଦୀ ଚଳଚ୍ଚିତ୍ରର ଜନକ ବୋଲି କୁହାଯାଏ ?
- ଭାରତର ପ୍ରଥମ ସମ୍ପୂର୍ଣ୍ଣ ନିର୍ବାକ ଚଳଚ୍ଚିତ୍ର କେଉଁଟି ?
- ପ୍ରଥମ ଭାରତୀୟ ଶବ୍ଦଯୁକ୍ତ ଚଳଚ୍ଚିତ୍ର କେଉଁଟି ?
- ଓସ୍କାର ପୁରସ୍କାର ଲାଭ କରିଥିବା ପ୍ରଥମ ଭାରତୀୟ କିଏ ?
- ଭାରତର ସର୍ବବୃହତ୍ ଫିଲ୍ମସିଟି କେଉଁଟି ?

## ଆରଥରର ଉତ୍ତର

- ୧୮
- ୧୯୪୭
- ୫୪୫
- ୫ ବର୍ଷ
- ନିର୍ବାଚନ ଆୟୋଗ

# ଜଣା ଅଜଣା




ପୃଥିବୀର ସବୁଠାରୁ ଦୀର୍ଘତମ ପାସେଞ୍ଜର ଟ୍ରେନ୍ ହେଉଛି 'ଦ ଘାନ' । ଅଷ୍ଟ୍ରେଲିଆରେ ଚାଲୁଥିବା ଏହି ଟ୍ରେନ୍‌ର ଲମ୍ବ ୧,୦୯୬ ମିଟର।

ଲୁଡୋ ଗୋଟିର ବିପରୀତ ପାର୍ଶ୍ୱରେ ଥିବା ସଂଖ୍ୟାର ଯୋଗଫଳ ସର୍ବଦା ୭ ହିଁ ହୋଇଥାଏ।



ସାର୍କର ଦାନ୍ତଗୁଡିକ ପାଟି ଭିତରେ ଧାଡ଼ିଧାଡ଼ି ହୋଇ ରହିଥାଏ। ଏମାନଙ୍କ ପାଟିରେ ପ୍ରାୟ ୩୦୦୦ ଦାନ୍ତ ଥିବାର ରେକର୍ଡ କରାଯାଇଛି।



ସମୁଦ୍ର ଭିତରେ ଥିବା ଟନେଲ ମଧ୍ୟରୁ ଜାପାନର ସୈକନ୍ ଟନେଲ ହେଉଛି ପୃଥିବୀର ଦୀର୍ଘତମ। ଏହାର ଲମ୍ବ ହେଉଛି ୫୩.୮୫ କିଲୋମିଟର।



ନ୍ୟୁଜିଲାଣ୍ଡରେ ଦେଖାଯାଉଥିବା କିୱି ପକ୍ଷୀ ନିଜ ଶରୀର ତୁଳନାରେ ପୃଥିବୀର ସବୁଠାରୁ ବଡ଼ ଅଣ୍ଡା ଦେଉଥିବା ପକ୍ଷୀ।

ଆମେ ଖାଉଥିବା ଖାଦ୍ୟ ସ୍ୱାଦ ଗ୍ରନ୍ଥିରେ ନ ମିଶିବା ଯାଏଁ ଆମକୁ ଖାଦ୍ୟର ସ୍ୱାଦ ଜଣାପଡ଼ି ନ ଥାଏ।





# ଆଇନା




କୌସ୍ତୁଭ
୭ ବର୍ଷ



ପରୀ
୯ ବର୍ଷ




ଲାଡ୍‌ଲୀ
୧୧ ବର୍ଷ